**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**17 November - 2024**

**News Editor : *Itishree Singh Rathaur***

# ଜାତୀୟ ପ୍ରେସ୍ ଦିବସ-ରାଜ୍ୟପାଳ

ଓଡ଼ିଶାର ସାମ୍ବାଦିକମାନଙ୍କ ପାଇଁ ପେନ୍‌ସନ ଯୋଜନା ଲାଗୁ କରିବାକୁ ସରକାର ପ୍ରସ୍ତାବ ଦେଲେ ତାହା କାର୍ଯ୍ୟକାରୀ କରାଯିବ ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି । ଭୁବନେଶ୍ୱର ଜୟଦେବ ଭବନରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ଅନୁଷ୍ଠିତ ଜାତୀୟ ପ୍ରେସ୍ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି ଡିଜିଟାଲ ମିଡିଆ ଯୁଗରେ ସାମ୍ବାଦିକଙ୍କ ବୃତ୍ତିଗତ ପରିବର୍ତ୍ତନ ହୋଇଛି । ତେବେ ସାମ୍ବାଦିକତାର ମୂଳ ସିଦ୍ଧାନ୍ତ ଅପରିବର୍ତ୍ତିତ ରହିଛି । ସାମ୍ବାଦିକତା ସମାଜକୁ ସୁଦୃଢ଼ କରେ, ଜନମତ ସୃଷ୍ଟି କରେ ଏବଂ ପ୍ରଶାସନକୁ ଜବାବ ଦେବାକୁ ବାଧ କରେ ବୋଲି ରାଜ୍ୟପାଳ କହିଛନ୍ତି । କାର୍ଯ୍ୟକ୍ରମରେ ଯୋଗଦେଇ ବାଚସ୍ପତି ସୁରମା ପାଢ଼ି କହିଛନ୍ତି ଦେଶର ସ୍ୱାଧୀନତା ସଂଗ୍ରାମ ଓ ଜରୁରୀକାଳୀନ ପରିସ୍ଥିତିରେ ସାମ୍ବାଦିକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ । ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ ପାଇଁ ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କୁ ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସେହିଭଳି ୭ଜଣଙ୍କୁ ସ୍ମାରକୀ ସମ୍ମାନ ଓ ୩୩ଜଣ ବରିଷ୍ଠ ସାମ୍ବାଦିକଙ୍କୁ ପେନ୍‌ସନ ପ୍ରଦାନ

କରାଯାଇଥିଲା । କାର୍ଯ୍ୟକ୍ରମର ପ୍ରାରମ୍ଭରେ ବୋର୍ଡର ସଭାପତି ପ୍ରଦୋଷ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ । ବୋର୍ଡର ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ରାସ୍ତା ନିର୍ମାଣ-ସ୍ୱତନ୍ତ୍ର ନୀତି

ଗମନାଗମନର ସୁଦୃଢ଼ୀକରଣ ଏବଂ ନିର୍ମାଣଜନିତ ପ୍ରତିବନ୍ଧକକୁ ଦୂର କରି ରାଜ୍ୟରେ ରାସ୍ତା ନିର୍ମାଣ ପାଇଁ ଏକ ସ୍ୱତନ୍ତ୍ର ନୀତି ସରକାର ପ୍ରଣୟନ କରିବେ । ଭୁବନେଶ୍ୱର ଲୋକସେବା ଭବନରେ ଏନେଇ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଉତ୍ତମ ସମନ୍ୱୟ ଅଭାବରୁ ରାସ୍ତା ନିର୍ମାଣ ଓ ମରାମତି ନେଇ ଅନେକ ସମସ୍ୟା ବାରମ୍ବାର ସୃଷ୍ଟି ହେଉଥିବାରୁ ଆସନ୍ତା ୫୦ବର୍ଷକୁ ଦୃଷ୍ଟିରେ ରଖି ରାସ୍ତା ନିର୍ମାଣ ନେଇ ସ୍ୱତନ୍ତ୍ର ନୀତି ପ୍ରଣୟନର ଆବଶ୍ୟକତା ରହିଛି । ବୈଠକରେ ପୁରୁଣା ରାସ୍ତା ମରାମତି ପାଇଁ କର୍ପସ ପାଣ୍ଠି ଗଠନ ଏବଂ ୨୦୨୯ ମସିହା ସୁଦ୍ଧା ୧୦୦ ଜନସଂଖ୍ୟା ବିଶିଷ୍ଟ ଗ୍ରାମକୁ ସବୁଦିନିଆ ରାସ୍ତା ନିର୍ମାଣ ସୁନିଶ୍ଚିତ କରିବା ପାଇଁ ଆଲୋଚନା ହୋଇଥିଲା ।

## ରୋବୋଟିକ ସର୍ଜରୀ

ରାଜ୍ୟ ସରକାର ଆଗାମୀ ଆର୍ଥିକ ବର୍ଷରେ ରୋବୋଟିକ ସର୍ଜରୀ ଆରମ୍ଭ କରିବେ । ଏହାସହ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳର

ପ୍ରୟୋଗକୁ ବ୍ୟାପକ କରାଯିବ ବୋଲି ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । ଭୁବନେଶ୍ୱର ଅଖିଳ ଭାରତୀୟ ଆର୍ୟୁବିଜ୍ଞାନ ସଂସ୍ଥାନରେ ଅନୁଷ୍ଠିତ ଏଏସ୍ଆଇ ଓଡ଼ିଶାର ଅଣଚାଳିଶତମ ବାର୍ଷିକ ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ନୂତନ ମେଡ଼ିକାଲ କଲେଜ ପ୍ରତିଷ୍ଠା ପାଇଁ ଯୋଜନା କରାଯାଉଛି । ଏହି ଅବସରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଡାକ୍ତରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ନୌସେନା ଦିବସ-ସମୀକ୍ଷା

ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ଆସନ୍ତା ଡିସେମ୍ବର ୪ ତାରିଖରେ ପାଳିତ ହେବାକୁ ଥିବା ଭାରତୀୟ ନୌସେନା ଦିବସ କାର୍ଯ୍ୟକ୍ରମରେ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସମୀକ୍ଷା କରିଛନ୍ତି । ଭୁବନେଶ୍ୱରରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଶ୍ରୀ ଖୁରାନିଆ ସରକାର, ସ୍ଥାନୀୟ ପ୍ରଶାସନ ଏବଂ ନୌସେନାର ମିଳିତ ସହଯୋଗରେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପରାମର୍ଶ ଦେଇଛନ୍ତି । ସୂଚନା ଅନୁସାରେ ପ୍ରଥମଥର ପାଇଁ ନୌସେନା ପକ୍ଷରୁ ଓଡ଼ିଶାରେ ଏହି ଦିବସ ଆୟୋଜନ କରାଯିବ । କାର୍ଯ୍ୟକ୍ରମରେ ନୌସେନାର ଅତ୍ୟାଧୁନିକ ଜାହାଜ ଓ ବିମାନକୁ ପ୍ରଦର୍ଶନ କରାଯିବ । ଏଥିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ରଘୁବର ଦାସ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସମେତ ଅନ୍ୟ ବ୍ୟକ୍ତିବିଶେଷ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ସାନିଟାରୀ ନାପ୍‌କିନ ଭେଣ୍ଡିଂ ମେସିନ୍

ଲୋକସେବା ଭବନରେ ସାନିଟାରି ନାପ୍‌କିନ ଭେଣ୍ଡିଂ ମେସିନ୍ ଓ ଡିସ୍‌ପୋଜେବଲ ମେସିନ ସ୍ଥାପନକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଉଦ୍‌ଘାଟନ କରିଛନ୍ତି । ଏହି ମେସିନ୍ ଭବନର ମହିଳା ଶୌଚାଳୟ କମ୍ପ୍ଲେକ୍ସ ଏବଂ ଲେଡିଜ୍ କମନ୍‌ରୁମ୍ ସହିତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଲଗାଯାଇଛି । ଖୁବ୍‌ଶୀଘ୍ର ସଚିବାଳୟ କୋଠାର ମହିଳା ଶୌଚାଳୟରେ ଏହି ସୁବିଧା ଉପଲବ୍ଧ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

## ବ୍ୟୟସ୍ଥିତି ସମୀକ୍ଷା

ଉନ୍ନୟନ କମିଶନ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗତକାଲି ଭୁବନେଶ୍ୱର ରାଜୀବ ଭବନଠାରେ ଜଳ ସମ୍ପଦ ବିଭାଗର ବ୍ୟୟସ୍ଥିତି ସମୀକ୍ଷା କରିଛନ୍ତି । ୨୦୨୪-୨୫ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସ ଶେଷ ସୁଦ୍ଧା ୬୦ ପ୍ରତିଶତ ଖର୍ଚ୍ଚ ସୁନିଶ୍ଚିତ କରିବାକୁ ଶ୍ରୀମତୀ ଗର୍ଗ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଦକ୍ଷ ଆର୍ଥିକ ପରିଚାଳନା, ପ୍ରକଳ୍ପ ଗୁଡ଼ିକର ତ୍ୱରିତ କାର୍ଯ୍ୟ ଉନ୍ନୟନ ଏବଂ ଆବଣ୍ଟିତ ବଜେଟ୍‌ର ଉପଯୋଗ ଉପରେ ସେ ବୈଠକରେ ଗୁରୁତ୍ୱାରୋପ କରିଥିଲେ ।

# ହୃତ୍‌ପିଣ୍ଡ ପ୍ରତିରୋପଣ

କଟକସ୍ଥିତ ଏସ୍‌ସିବି ମେଡ଼ିକାଲ କଲେଜ ହସ୍ପିଟାଲରେ ପ୍ରଥମଥର ପାଇଁ ହୃତ୍‌ପିଣ୍ଡ ପ୍ରତିରୋପଣ କରାଯିବ । ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏସ୍‌ସିବି ପରିଦର୍ଶନରେ ଯାଇ ହୃତ୍‌ପିଣ୍ଡ ପ୍ରତିରୋପଣ ହେବାକୁ ଥିବା ରୋଗୀଙ୍କ ସହ ସାକ୍ଷାତ୍ କରିଛନ୍ତି । ମନ୍ତ୍ରୀ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ ।

# ହାତୀ ଗଣନା

ରାଜ୍ୟରେ ପ୍ରଥମଥର ପାଇଁ ହୋଇଥିବା ଶୀତକାଳୀନ ହାତୀଗଣନା ଶେଷ ହୋଇଛି । ଚଳିତମାସ ୧୪ ତାରିଖରୁ ୧୬ ତାରିଖ ମଧ୍ୟରେ ରାଜ୍ୟର ୪୮ଟି ବନଖଣ୍ଡରେ ଏହି ଗଣନାକାର୍ଯ୍ୟ କରାଯାଇଥିଲା । ଏନେଇ ସର୍ବମୋଟ ୨ହଜାର ୩୨ ସେନ୍‌ସସ ୟୁନିଟ୍ ନିୟୋଜିତ କରାଯାଇଥିବାବେଳେ ୬ହଜାରରୁ ଊର୍ଦ୍ଧ୍ୱ ବନ କର୍ମଚାରୀ ସାମିଲ ହୋଇଥିଲେ । ସୂଚନାଯୋଗ୍ୟ ଚଳିତବର୍ଷ ମେ’ ମାସରେ ରାଜ୍ୟର ୨ହଜାର ୯୮ଟି ହାତୀ ଥିବା ଗଣନାରୁ ଜଣାପଡିଛି ।

## ଚଳଚ୍ଚିତ୍ର ପୁରସ୍କାର

ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଆଜି ଅପରାହ୍ଣରେ ଭୁବନେଶ୍ୱରରରେ ପ୍ରଦାନ କରାଯିବ । ସମାରୋହରେ ୩ ବର୍ଷ ପାଇଁ ଏହି ପୁରସ୍କାର ଦିଆଯିବ । ରାଜ୍ୟପାଳ ରଘୁବର ଦାସ, ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କାର୍ଯ୍ୟକ୍ରମରେ ଯୋଗଦେବେ ।

## ତାପମାତ୍ରା

ରାଜ୍ୟର ବିଭିନ୍ନ ସ୍ଥାନରେ ଗତ ୨ ଦିନ ମଧ୍ୟରେ ତାପମାତ୍ରା ୨ରୁ ୪ଡିଗ୍ରୀ ହ୍ରାସ ପାଇଛି ।  ଗତକାଲି ରାଜ୍ୟର ପ୍ରାୟ ୩୦ଟି ସ୍ଥାନରେ ତାପମାତ୍ରା ୨୦ଡିଗ୍ରୀ ସେଲସିୟସରୁ କମ୍ ରେକର୍ଡ କରାଯାଇଛି । ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୧୨ ଦଶମିକ ୫ ଡିଗ୍ରୀ ସେଲସିୟସ ରହିଥିଲା । ଆସନ୍ତା ୫ ଦିନ ମଧ୍ୟରେ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ହ୍ରାସ ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି ।